# NATIONAL NEWS BULLETIN (ODIA)

## 01st October - 2025

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ପ୍ରତିଷ୍ଠା ଦିନଠାରୁ ଆର୍.ଏସ୍.ଏସ୍. ଦେଶପ୍ରେମ ଏବଂ ସେବାକୁ ପ୍ରାଥମିକତା ପ୍ରଦାନ କରିଆସିଛି; କହିଲେ ପ୍ରଧାନମନ୍ତ୍ରୀ ।

- କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କପାଇଁ ୩ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି ।

— ଦେଶରେ ପ୍ରତିଷ୍ଠା କରାଯିବ ୫୭ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ।

- ଦୁବାଇରେ ଆଜିଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଏକାଦଶ ବିଶ୍ୱ ସବୁଜ ଅର୍ଥନୀତି ସମ୍ମିଳନୀ ।

ଏବଂ

- ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିବେ ଦୃଷ୍ଟିହୀନ ମହିଳା ପ୍ରଥମ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ।

# ପି.ଏମ୍. - ଆର୍.ଏସ୍.ଏସ୍.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ପ୍ରତିଷ୍ଠା ଦିନଠାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ - ଆର୍.ଏସ୍.ଏସ୍. ଦେଶପ୍ରେମ ଏବଂ ସେବାକୁ ପ୍ରାଥମିକତା ପ୍ରଦାନ କରିଆସିଛି । ନୂଆଦିଲ୍ଲୀରେ ଆର୍.ଏସ୍.ଏସ୍.ର ଶତବାର୍ଷିକୀ ସମାରୋହକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆର୍.ଏସ୍.ଏସ୍. ସ୍ୱେଚ୍ଛାସେବୀମାନେ ରାଷ୍ଟ୍ରର ସେବା ଏବଂ ସମାଜକୁ ସଶକ୍ତ କରିବା ଦିଗରେ ନିରନ୍ତର ପରିଶ୍ରମ କରୁଛନ୍ତି । ଦେଶସେବାରେ ସେମାନେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଛନ୍ତି । ସମାଜର ବିଭିନ୍ନ ବର୍ଗଙ୍କ ମଧ୍ୟରେ ଆତ୍ମସଚେତନତା ଏବଂ ଦେଶପ୍ରେମକୁ ଜାଗ୍ରତ କରାଇବାରେ ସଂଘ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - RSS)*** :.......

୧୯୬୩ ମସିହାରେ ଗଣତନ୍ତ୍ର ଦିବସ ପରେଡ୍‌ରେ ଆର୍.ଏସ୍.ଏସ୍. ସ୍ୱେଚ୍ଛାସେବକମାନେ ଅଂଶଗ୍ରହଣ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଦେଶପ୍ରତି ସଂଘର ଅବଦାନକୁ ସମ୍ମାନ ପ୍ରଦର୍ଶନସ୍ୱରୂପ ଏକ ସ୍ମାରକୀ ଡାକଟିକିଟ ଏବଂ ମୁଦ୍ରାକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଛନ୍ତି । ଶ୍ରୀ ମୋଦି କହିଛନ୍ତି, ଆସନ୍ତାକାଲି ବିଜୟା ଦଶମୀ ପାଳନ ସହ ସଂଘ ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ କରୁଛି ।

***Voice (PM - RSS-Cut-1)*** :.......

ଏହି ସମାବେଶରେ ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏବଂ ଆର୍.ଏସ୍.ଏସ୍.ର ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସାବଲେ' ଆର୍.ଏସ୍.ଏସ୍.ର ନୀତି ଏବଂ ଦେଶପ୍ରେମ ଉପରେ ଆଲୋକପାତ କରିଛନ୍ତି ।

## କ୍ୟାବିନେଟ୍ ଡିସିସନ୍ସ୍

କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନ୍ସନ୍ଭୋଗୀଙ୍କ ପାଇଁ ୩ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନକୁ ସରକାର ଅନୁମୋଦନ କରିଛନ୍ତି । ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ନିଷ୍ପତ୍ତିଦ୍ୱାରା ୪୯ ଲକ୍ଷ ୨୦ ହଜାର କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮ ଲକ୍ଷ ୭୦ ହଜାର ପେନ୍ସନ୍ଭୋଗୀ ଉପକୃତ ହେବେ । ଗତ ଜୁଲାଇ ପହିଲାରୁ ଏହା ପିଛିଲା ଭାବେ କାର୍ଯ୍ୟକାରୀ ହେବ । ଶ୍ରୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଦେଶରେ ୫୭ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଏଥିପାଇଁ ୫ ହଜାର ୮୬୨

କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । କୌଣସି କେନ୍ଦ୍ରୀୟ ବିଦ୍ୟାଳୟ ନ ଥିବା ଜିଲ୍ଲାଗୁଡ଼ିକରେ ୨୦ଟି ବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ୧୪ଟି ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୪ଟି ଏବଂ ଉତ୍ତର-ପୂର୍ବ କ୍ଷେତ୍ର ଓ ପାହାଡ଼ିଆ ଅଞ୍ଚଳରେ ୫ଟି ଲେଖାଏଁ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାର ପ୍ରସ୍ତାବ ରହିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Vaishnav-KV)*** **:.......**

ଦେଶରେ ଡାଲିଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି ଏବଂ ଏକ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଲକ୍ଷ୍ୟ ନେଇ ଏକ ମିଶନକୁ କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି । ଚଳିତ ଆର୍ଥିକ ବର୍ଷଠାରୁ ଆସନ୍ତା ୨୦୩୦-୩୧ ପର୍ଯ୍ୟନ୍ତ ୬ ବର୍ଷ ପାଇଁ ଏହି ମିଶନ କାର୍ଯ୍ୟକାରୀ ହେବ । ଏଥିପାଇଁ ୧୧ ହଜାର ୪୪୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଡାଲି ମିଶନ ମାଧ୍ୟମରେ ୨୦୩୦-୩୧ ସୁଦ୍ଧା ଉତ୍ପାଦନକୁ ୩୫୦ ଲକ୍ଷ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ।

***Voice (Vaishnav-Pulses)*** **:.......**

ଶ୍ରୀ ବୈଷ୍ଣବ କହିଛନ୍ତି, ଆସନ୍ତା ବିପଣନ ଋତୁପାଇଁ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ କ୍ୟାବିନେଟ୍ କମିଟି ଅନୁମୋଦନ କରିଛି । ଚାଷୀଙ୍କୁ ଉତ୍ପାଦନର ଲାଭପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ୱାର୍ଲ୍ଡ ଗ୍ରୀନ୍ ଇକୋନୋମି ସମ୍ମିଟ୍

ଦୁବାଇର ବିଶ୍ୱ ବାଣିଜ୍ୟ କେନ୍ଦ୍ରଠାରେ ଆଜିଠାରୁ ଏକାଦଶ ବିଶ୍ୱ ସବୁଜ ଅର୍ଥନୀତି ସମ୍ମିଳନୀ ଆରମ୍ଭ ହୋଇଛି । ୩୦ରୁ ଅଧିକ ଦେଶର ୩ ହଜାର ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରୁଛନ୍ତି । ପ୍ରଭାବପାଇଁ ନବସୃଜନ, ସବୁଜ ଅର୍ଥନୀତିର ଭବିଷ୍ୟତକୁ ତ୍ୱରାନ୍ୱିତ କରିବା ପ୍ରସଙ୍ଗ ଆଧାରରେ ଏହି ଦୁଇଦିନିଆ ସମ୍ମିଳନୀ ଆୟୋଜିତ ହେଉଛି । ଏଥିରେ ନୀତି ନିର୍ଦ୍ଧାରକ, ବ୍ୟବସାୟ ଗୋଷ୍ଠୀ, ନିବେଶକ ଏବଂ ନବସୃଜନକାରୀ ଅନ୍ତର୍ଭୁକ୍ତ । ନିରନ୍ତର ବିକାଶ ଏବଂ ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା ଦିଗରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

## ପ୍ରେଜ୍ - ବିଜୟାଦଶମୀ

ବିଜୟାଦଶମୀ ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅଧର୍ମ ଉପରେ ଧର୍ମର ବିଜୟ, ସତ୍ୟ ଏବଂ ନ୍ୟାୟର ପଥ ଅନୁସରଣ କରିବାକୁ ଏହି ପର୍ବ ପ୍ରେରଣା ଦେଇଥାଏ ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ

ରାବଣପୋଡ଼ି ଏବଂ ଦୁର୍ଗାପୂଜା ଜାତୀୟ ମୂଲ୍ୟବୋଧକୁ ପ୍ରତିଫଳନ କରୁଛି । ଏହି ପର୍ବ ସମସ୍ତଙ୍କୁ କ୍ରୋଧ ଏବଂ ଅହଂକାର ଉପରେ ନକାରାତ୍ମକ ପ୍ରକୃତିକୁ ପରିତ୍ୟାଗ କରି ସାହସ ଏବଂ ଦୃଢ଼ ସଙ୍କଳ୍ପ ଭଳି ସକାରାତ୍ମକ ଚିନ୍ତାଧାରା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

## ସେବାପର୍ବ - ସପୋର୍ଟ ବେୟଣ୍ଡ ବର୍ଡର୍ସ

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନ ମନ୍ତ୍ରଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବାପାଇଁ ନିରନ୍ତର କାର୍ଯ୍ୟ କରୁଛି । ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆଜି ଆସନ୍ତୁ ଜାଣିବା ସୀମା ବାହାରେ ସରକାର ପ୍ରଦାନ କରୁଥିବା ସହଯୋଗ ସମ୍ପର୍କରେ...........

**Seba Parba Opening**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶ ସୀମା ବାହାରେ ଘଟୁଥିବା ସଙ୍କଟର ପ୍ରଥମ ସହଯୋଗକାରୀ ଭାବେ କାର୍ଯ୍ୟ କରୁଛନ୍ତି । ଗତ ୫ ବର୍ଷ ମଧ୍ୟରେ ୧୫୦ରୁ ଅଧିକ ଦେଶକୁ ଭାରତ ମାନବୀୟ ଏବଂ ବିପର୍ଯ୍ୟୟ ସହାୟତା ପ୍ରଦାନ କରିଛି । ନାଇଜେରିଆରେ ଏକ ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି’ ସଙ୍କଟ

ସମୟରେ ପ୍ରଥମ ସହଯୋଗ ପ୍ରଦାନକାରୀ ଭାବେ ଭାରତର ଭୂମିକା ଉପରେ ଆଲୋକପାତ କରିଥିଲେ ।

*Voice (PM)* :.......

କୋଭିଡ୍-୧୯ ମହାମାରୀ ସମୟରେ ଭାରତ ମାନବକୈନ୍ଦ୍ରିକ କୂଟନୀତିର ପ୍ରମାଣସ୍ୱରୂପ ବିଭିନ୍ନ ଦେଶକୁ ପ୍ରତିଷେଧକ ଟିକା ଯୋଗାଇ ଦେଇଥିଲା । ୟୁକ୍ରେନ୍‌ରେ ଅପରେସନ୍ ଗଙ୍ଗାଠାରୁ ଆରମ୍ଭ ସୁଦାନ୍‌ରେ ଅପରେସନ କାବେରୀ ଏବଂ ଇସ୍ରାଏଲ୍‌ରେ ଅପରେସନ ଅଜୟ ପର୍ଯ୍ୟନ୍ତ ଭାରତ ନିଜ ଦେଶର ନାଗରିକଙ୍କ ସହ ବିଦେଶୀଙ୍କୁ ମଧ୍ୟ ସହଯୋଗ ପ୍ରଦାନ କରିଛି ।

**Seba Parba Closing**

# ଜି.ଏସ୍.ଟି. - ହ୍ୟାଣ୍ଡମେଡ୍ ଆଇଟମ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଘୋଷିତ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଆରମ୍ଭ ହୋଇଛି । ସମାଜର ସମସ୍ତ ବର୍ଗ ଏହାର ସୁଫଳ ପାଉଛନ୍ତି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ବିଭିନ୍ନ ସାମଗ୍ରୀ ଓ ସେବା ଉପରେ ଟିକସ ହାର ହ୍ରାସ ନାଗରିକଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛି ।

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ସରକାର ହସ୍ତଶିଳ୍ପ ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରିଛନ୍ତି । କାରିଗର ଏବଂ ଉପଭୋକ୍ତାଙ୍କୁ ଏହା ଲାଭ ପ୍ରଦାନ କରୁଛି । କପା ଏବଂ ପାଟରୁ ପ୍ରସ୍ତୁତ ସାମଗ୍ରୀ ତଥା ହସ୍ତଶିଳ୍ପ ବ୍ୟାଗ୍ ଉପରେ ଜି.ଏସ୍.ଟି. ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ପାଇଛି । ସେହିଭଳି ହାତବୁଣା ଶାଲ୍, ଟୋପି ଆଦି ଉପରେ ଜି.ଏସ୍.ଟି. ହାର ୫ ପ୍ରତିଶତ ରହିଛି । ଏହି ଟିକସ ହ୍ରାସ ବଜାର ଚାହିଦା ବୃଦ୍ଧି କରିବା ସହ ହସ୍ତଶିଳ୍ପ ଉତ୍ପାଦ ଏବଂ ରପ୍ତାନୀ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ । ହସ୍ତଶିଳ୍ପ ଐତିହ୍ୟକୁ ସୁରକ୍ଷା ପ୍ରଦାନ ତଥା ଅତ୍ୟାବଶ୍ୟକ ଏବଂ ସଂସ୍କୃତିକ ଦୃଷ୍ଟିକୋଣରୁ ଏହି ସଂସ୍କାର ଉପଯୋଗୀ ସାବ୍ୟସ୍ତ ହୋଇଛି ।

## ୱିମେନ୍ସ ବ୍ଲାଇଣ୍ଡ ଟି-ଟ୍ୱେଣ୍ଟି

ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଦୃଷ୍ଟିହୀନ ମହିଳା ପ୍ରଥମ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ଆୟୋଜନ କରିବେ । ଆସନ୍ତା ମାସ ୧୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ ମ୍ୟାଚ୍ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ବେଙ୍ଗାଲୁରୁ ଏବଂ ଶ୍ରୀଲଙ୍କାର କଲମ୍ବୋଠାରେ ଅନ୍ୟ ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ୨୩ ତାରିଖ ଦିନ କଲମ୍ବୋଠାରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସମେତ

ଅଷ୍ଟ୍ରେଲିଆ, ଇଂଲଣ୍ଡ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଆମେରିକା ଅଂଶଗ୍ରହଣ କରିବେ ।

*****